# ଆମ ଦଳମାନେ ଦୁର୍ବଳ କାହିଁକି ?

୨୮/୦୪/୨୦୦୨

## ଆମ ଘରର ହାଲ୍‌ଚାଲ୍

**ସୌମ୍ୟରଂଜନ ପଟ୍ଟନାୟକ**

ଆମ ଓଡ଼ିଶାର ରାଜନୈତିକ ଦଳମାନଙ୍କ ଗତ ସପ୍ତାହର ଆଚରଣକୁ ଦେଖିଲେ କେତୋଟି କଥା ମନକୁ ଆସୁଛି । କଂଗ୍ରେସ ଦଳର ଜାତୀୟ କାର୍ଯ୍ୟକାରିଣୀ କମିଟିର ପୁନର୍ଗଠନ କରାଯାଇଛି । ଓଡ଼ିଶା ସନ୍ଦର୍ଭରେ ଏହା ବିଶେଷ ଉଲ୍ଲେଖର ଅପେକ୍ଷା ରଖୁଛି । କାରଣ ଗତ ସପ୍ତାହର ଏହି ପୁନର୍ଗଠନରେ କଂଗ୍ରେସର ବର୍ଷିଆନ୍ ନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ସ୍ଥାୟୀ ଆମନ୍ତ୍ରିତ ସଭ୍ୟ ଭାବେ ମନୋନୀତ କରାଯାଇଛି । ଜାନକୀବାବୁଙ୍କର ମନୋନୀତ ହେବା ଘଟଣା ସ୍ୱାଭାବିକ ଭାବରେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ଗତ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜାନକୀବାବୁ ଓଡ଼ିଶା କଂଗ୍ରେସର ପ୍ରମୁଖ ଭୂମିକାରେ ରହି ଆସିଛନ୍ତି । ତାଙ୍କର ଅନୁଗତ ଓ ବିରୋଧୀ ଉଭୟ ଜାନକୀବାବୁଙ୍କ ବିନା ଓଡ଼ିଶା କଂଗ୍ରେସ କଥା ଚିନ୍ତା କରାଯାଇପାରେନା ବୋଲି ସ୍ୱୀକାର କରନ୍ତି । ତେବେ ୬ ମାସ ତଳେ ସୋନିଆ ଗାନ୍ଧୀ ଜାନକୀବାବୁଙ୍କୁ ପିସିସି ସଭାପତି ପଦରୁ ଇସ୍ତଫା ଦେବାପାଇଁ ପରାମର୍ଶ ଦେଇଥିଲେ । ଶୃଙ୍ଖଳିତ ଜାନକୀବାବୁ ନେତାଙ୍କର ପରାମର୍ଶ ମାନି ଇସ୍ତଫା ଦେବା ଫଳରେ ଶରତ ପଟ୍ଟନାୟକଙ୍କୁ ପିସିସି ସଭାପତି ହେବାର ସୁଯୋଗ ମିଳିଲା । ଏହାଦ୍ୱାରା ଗୋଟିଏ ଧାରଣା ସୃଷ୍ଟି କରାଗଲା ଯେ, ସୋନିଆ ଗାନ୍ଧୀ ଜାନକୀବାବୁଙ୍କୁ ଚାହୁଁନାହାନ୍ତି । କଂଗ୍ରେସର ନବୀକରଣ କରିବାକୁ ଚାହୁଁଛନ୍ତି । ସେଥିପାଇଁ ଜଣେ ଯୁବ ନେତାଙ୍କୁ ତାଙ୍କର ସକଳ ଅନଭିଜ୍ଞତା ସତ୍ତ୍ୱେ ସଭାପତି ଦାୟିତ୍ୱ ଦେଇଛନ୍ତି । ଜାନକୀବାବୁ ନିରବରେ ତାଙ୍କର ଏ ଅମର୍ଯ୍ୟାଦାକୁ ଗ୍ରହଣ କରି ସାରସ୍ୱତ ସାଧନାରେ ବ୍ରତୀ ହେଲେ ଓ ଭାଗବତ ଲେଖିଲେ । ଆଜି ପୁଣି ତାଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିର ସ୍ଥାୟୀ ଆମନ୍ତ୍ରିତ ସଦସ୍ୟ ଭାବେ ମନୋନୀତ କରି କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ କି ସୂଚନା ଦେବାକୁ ଚାହୁଁଛନ୍ତି ଆମେ ଜାଣୁନା । କିନ୍ତୁ ଜାନକୀ ଅନୁଗତମାନେ ନିଶ୍ଚିତ ଭାବରେ ଅତ୍ୟନ୍ତ ଉତ୍ସାହିତ ଓ ଆନନ୍ଦିତ ହୋଇପଡ଼ିଛନ୍ତି । ଜାନକୀବାବୁଙ୍କ ବିନା ଓଡ଼ିଶା କଂଗ୍ରେସର ଯେ କଳ୍ପନା କରାଯାଇ ନ ପାରେ, ଏକଥା ପ୍ରମାଣିତ ହେଲା ବୋଲି କହି ବୁଲୁଛନ୍ତି । ଗତ କିଛିମାସ ଧରି ଯେଉଁ ଆଶୀର୍ବାଦ କାଙ୍ଗାଳ କଂଗ୍ରେସ ନେତାମାନେ କକ୍ଷଚ୍ୟୁତ ହୋଇ ଘୂରି ବୁଲୁଥିଲେ, ହଠାତ୍ କ୍ଷମତାର ରାଜରାସ୍ତା ତାଙ୍କର ନିକଟବର୍ତ୍ତୀ ହେଲା ବୋଲି ଅନୁଭବ କରୁଛନ୍ତି । ଓଡ଼ିଶା କଂଗ୍ରେସର ପୁନର୍ଗଠନ ଏବଂ ସଶକ୍ତିକରଣ ପାଇଁ ଏଭଳି ଏକ ନାଟକ ଆବଶ୍ୟକ ଥିଲା କି ନାହିଁ ଆମେ ଜାଣୁନା । ଏହା ଯେ ପୁଣି କଂଗ୍ରେସ ଦଳରେ ଆଭ୍ୟନ୍ତରୀଣ ବିବାଦ ଏବଂ ଗୋଷ୍ଠୀ କନ୍ଦଳକୁ ନୂଆ ରୂପରେ ଉତ୍ସାହିତ କରିବ, ଏହା ଦିବାଲୋକ ପରି ସ୍ପଷ୍ଟ । ସତେ ଯେପରି ଏ ପ୍ରକାର ଭବିଷ୍ୟବାଣୀକୁ ସତ ବୋଲି ପ୍ରମାଣିତ କରିବାପାଇଁ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ କେତେକ ଜିଲ୍ଲା ସଭାପତିଙ୍କୁ ମଧ୍ୟ ପରିବର୍ତ୍ତନ କରିଛନ୍ତି । କେତେକ ଜିଲ୍ଲା ସଭାପତିଙ୍କର ପରିବର୍ତ୍ତନର ଆବଶ୍ୟକତା ଥିଲା କି ନାହିଁ, ଇଏ ଏକ ଭିନ୍ନ ପ୍ରଶ୍ନ । ହୁଏତ ନୂଆ ସଭାପତି କହିପାରନ୍ତି ଓଡ଼ିଶା କଂଗ୍ରେସର ନବୀକରଣ ନିମନ୍ତେ ଜିଲ୍ଲାସ୍ତରୀୟ ସଭାପତିମାନଙ୍କୁ ପରିବର୍ତ୍ତନ କରିବା ଦରକାର ଥିଲା । କିନ୍ତୁ ମୂଳପ୍ରଶ୍ନ ହେଲା ଏଭଳି ଏକ ପରିବର୍ତ୍ତନର ଅବକାଶ କଂଗ୍ରେସ ସମ୍ବିଧାନରେ ଅଛି କି ? ଯଦିବା ପରିବର୍ତ୍ତନର ଆବଶ୍ୟକତା ପଡ଼ିଲା, ତା'ପାଇଁ କ'ଣ ନିର୍ଦ୍ଦିଷ୍ଟ କିଛି ବ୍ୟବସ୍ଥା ବା ପ୍ରକ୍ରିୟା କଂଗ୍ରେସ ସମ୍ବିଧାନରେ ନାହିଁ ? ନିର୍ବାଚିତ ଜିଲ୍ଲା ସଭାପତିମାନେ ସେମାନେ ପଦଚ୍ୟୁତ ହୋଇଛନ୍ତି ବୋଲି କ'ଣ କେବଳ ଖବରକାଗଜରୁ ପଢ଼ି ଜାଣିବେ? ୧୧୮ ବର୍ଷର ପୁରୁଣା ଦଳ ପାଇଁ ଏହା କ'ଣ ସ୍ପୃହଣୀୟ ହେଉଛି? ଶରତବାବୁ ଗୋଟିଏ କଥା ଭୁଲିଗଲେ ଯେ, ତାଙ୍କ ଜିଲ୍ଲାର ସଭାପତିମାନେ ଯେପରି ଭାବରେ ହେଲେ ମଧ୍ୟ ନିର୍ବାଚିତ ସଭାପତି । ଜାନକୀବାବୁ ମଧ୍ୟ ପ୍ରଦେଶ କଂଗ୍ରେସ କମିଟିର ନିର୍ବାଚିତ ସଭାପତି ଥିଲେ । ସେ ସ୍ୱଇଚ୍ଛାରେ ଇସ୍ତଫା ଦେଲେ ବୋଲି ସଭାପତି ପଦ ଖାଲି ପଡ଼ିଲା । ଶରତବାବୁ ନୂଆ ମନୋନୀତ ସଭାପତି ହେଲେ । କଂଗ୍ରେସର ନିର୍ବାଚିତ ଜିଲ୍ଲା ସଭାପତିମାନେ କ'ଣ ଅନୁରୂପ ମର୍ଯ୍ୟାଦା ବା ସମ୍ମାନର ପାତ୍ର ନୁହନ୍ତି ? କଂଗ୍ରେସ ନିର୍ବାଚନ କିପରି ହେଲା, କେଉଁଠି ହେଲା, ଆମେ ତ ସେତେବେଳେ ଜାଣିପାରି ନ ଥିଲୁ, ଏବେ କାହିଁକି ନିର୍ବାଚିତ ସଭାପତି କଥା ଉଠୁଛି ବୋଲି ଯୁକ୍ତି କରାଯାଇପାରେ? କିନ୍ତୁ ଆମ ବିଚାରରେ ଏହି ଗୁଣଟି ପାଇଁ କଂଗ୍ରେସ ଦଳ ସାଧାରଣଙ୍କ ଚକ୍ଷୁରେ ନିନ୍ଦିତ ହେଉଛି? ଯାହା ନଖରେ ଛିଡ଼ିବ ତାକୁ କୁରାଢ଼ୀରେ କାଟିବା ପାଇଁ ଚେଷ୍ଟା କରାଯାଉଛି । ରାଜ୍ୟ ସଭାପତି ଜିଲ୍ଲା ସଭାପତିମାନଙ୍କୁ ଡାକି ଯଦି କହିଥାନ୍ତେ ଯେ, ମୁଁ ଜିଲ୍ଲା ସ୍ତରରେ କିଛି ପରିବର୍ତ୍ତନ ଚାହୁଁଛି, ସୋନିଆ ଗାନ୍ଧୀ ମଧ୍ୟ ଏହାକୁ ସମର୍ଥନ କରୁଛନ୍ତି, ଆପଣମାନେ ଶୃଙ୍ଖଳିତ କଂଗ୍ରେସ ନେତା ହିସାବରେ ଇସ୍ତଫା ପ୍ରଦାନ କଲେ ପୁନର୍ଗଠନ ପ୍ରକ୍ରିୟା ଅଧିକ ସହଜ ହେବ, ଏହା କ'ଣ ସମସ୍ତଙ୍କ ପାଇଁ ଏବଂ ଦଳପାଇଁ ଅଧିକ ମର୍ଯ୍ୟାଦା ଆଣି ନ ଥାନ୍ତା ? ତାହା ନ କରି ନିଜ କ୍ଷମତାକୁ ଜାହିର୍ କରିବାପାଇଁ ଏପରି ଉଦ୍ୟମ କରାଯିବା ଦ୍ୱାରା ଶରତବାବୁ ପଦଚ୍ୟୁତ ଜିଲ୍ଲା ସଭାପତିମାନଙ୍କର ଅନୁଗତ କର୍ମୀମାନଙ୍କୁ ଦୂରେଇ ଦେଇ ନାହାନ୍ତି କି? ସବୁବେଳେ କୁହାଯାଇଛି, କଂଗ୍ରେସ ଦଳର ଶତ୍ରୁ ବାହାରେ କେହି ନାହାନ୍ତି । ସବୁ ଭିତରେ ଅଛନ୍ତି । ଶରତବାବୁ ଏହାକୁ ତାଙ୍କର କୁପରାମର୍ଶ ଫଳରେ ପ୍ରମାଣିତ କରିଛନ୍ତି ମାତ୍ର ।

ଏ ସପ୍ତାହର ଅନ୍ୟ ଏକ ଘଟଣା ମଧ୍ୟ ରାଜ୍ୟ କଂଗ୍ରେସର ଦୁର୍ବଳତାକୁ ପଦାରେ ପକାଇଛି । ପ୍ରଦେଶ କଂଗ୍ରେସର ନିର୍ବାଚନ କମିଟି ଭଦ୍ରକ ଉପନିର୍ବାଚନ ନିମନ୍ତେ ପ୍ରାର୍ଥୀ ମନୋନୟନ କରିବା ପାଇଁ ବସିଥିଲା । କିନ୍ତୁ କମିଟି ନିଷ୍ପତ୍ତି ନେଲା ଯେ, ଆମେ ଏହି କାର୍ଯ୍ୟ କରିପାରିବୁ ନାହିଁ । ଏହି କାର୍ଯ୍ୟ କରିବାପାଇଁ ସୋନିଆଙ୍କ ହସ୍ତରେ ସମ୍ପୂର୍ଣ୍ଣ କ୍ଷମତା ଅର୍ପଣ କଲା । ବାହାରକୁ ଲାଗୁଥିବ ଯେ, ଏମାନେ ସୋନିଆ ଗାନ୍ଧୀଙ୍କର କେତେ ଅନୁଗତ? ଏବଂ କଂଗ୍ରେସ କେତେ ଶୃଙ୍ଖଳିତ ଦଳ? ସବୁକିଛି ନେତାଙ୍କ ଉପରେ ଛାଡ଼ିଦେଉଛନ୍ତି? କିନ୍ତୁ ନେତା ବିଚାରୀ କ'ଣ କରିବେ? ସେ କ'ଣ ଯୁଗଳ କିମ୍ବା ନରେନ୍‌ଙ୍କୁ ବ୍ୟକ୍ତିଗତ ଭାବେ ଜାଣିଛନ୍ତି? ପୁଣି ସେ ସେଇମାନଙ୍କୁ ପଚାରିବେ, ଯେଉଁମାନେ ସଦା ଗୋଷ୍ଠୀକନ୍ଦଳରେ ଲିପ୍ତ ରହି ଦଳୀୟ ସ୍ୱାର୍ଥପାଇଁ କୌଣସି ନିଷ୍ପତ୍ତି ନେବାର ନଜିର୍ ରଖି ଯାଇନାହାନ୍ତି । ଯଦି ସବୁ ନିଷ୍ପତ୍ତି କଂଗ୍ରେସ ସଭାପତିଙ୍କ ଉପରେ ଛାଡ଼ି ଦିଆଯାଉଛି, ତାହାହେଲେ ସମ୍ବିଧାନ, ତ୍ରିସ୍ତରୀୟ ସଂଗଠନ, ବିଭିନ୍ନ ଛାମୁଆ ସଂଗଠନ ଏବଂ କମିଟି ଗଠନର ତାମାସା କାହିଁକି ଚାଲିଛି ? ଏହା ହିଁ ଆମ ବିଚାରରେ କଂଗ୍ରେସ ଦଳକୁ ଅଧିକ ଦୁର୍ବଳ କରୁଛି? ଏହା ସଚେତନ ଏବଂ ଶିକ୍ଷିତ ବର୍ଗଙ୍କ ପାଖରେ ଗ୍ରହଣୀୟ ହୋଇପାରୁନାହିଁ? ଏବଂ ଦଳର ଜନାଧାର ପୂର୍ବାପେକ୍ଷା କମି କମି ଯାଉଛି ।

ବିଳମ୍ବରେ ହେଲେ ମଧ୍ୟ ବିଜେପି ୬ ଜଣ ବିଧାୟକଙ୍କୁ ବହିଷ୍କାର କରି ଅଭିନନ୍ଦନର ପାତ୍ର ହୋଇଛି । ଅତୀତରେ ଏହି ସମ୍ପର୍କରେ ରାଜ୍ୟସଭା ନିର୍ବାଚନରେ ଖୋଲା ଭୋଟ ପ୍ରସ୍ତାବକୁ ସମର୍ଥନ କରିବା ସଙ୍ଗେ ସଙ୍ଗେ ଦଳୀୟ ଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ ଆରୋପ କରୁ । ବିଜେପି ତା'ର ଜନ୍ମ ପରଠାରୁ ଏକ ଭିନ୍ନ ସ୍ୱାଦ ଏବଂ ଭିନ୍ନ ରୁଚିର ଦଳ ହେବ ବୋଲି ଦାବି କରି ଆସୁଥିଲା ଏବଂ କେତେକାଂଶରେ ସଚେତନ ନାଗରିକମାନଙ୍କ ମନରେ ନୂତନ ସମ୍ଭାବନା ଏବଂ ଆଶାର ସଞ୍ଚାର କରିଥିଲା । କିନ୍ତୁ ଗତ କିଛିବର୍ଷ ଧରି କ୍ଷମତା ଲୋଭରେ ଏ ସବୁ ମୌଳିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ଆସୁଥିଲା । ରାଜ୍ୟ ବିଜେପି ନେତୃତ୍ୱ ନିଶ୍ଚିତ ଭାବରେ ଏହି ବହିଷ୍କାର ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରୁ ନ ଥିବେ । କାରଣ ରାଜ୍ୟସଭା ମନୋନୟନ ପର୍ବ ପରେ ପରେ ଏହି ୬ ଜଣଙ୍କର ଆଚରଣକୁ ସେମାନେ ଅତି ହାଲୁକା ଭାବରେ ଦେଖିଥିଲେ । ଆଜି କିନ୍ତୁ ସକଳ ଅସ୍ୱସ୍ତିବୋଧ ସତ୍ତ୍ୱେ ସେମାନେ ଗର୍ବ ଅନୁଭବ କରିବା କଥା । କିଛିଦିନ ପାଇଁ ପଥ ହୁଡ଼ିଥିଲେ ମଧ୍ୟ ବିଜେପି ପୁନର୍ବାର ମୂଲ୍ୟବୋଧ ଓ ଶୃଙ୍ଖଳାକୁ ଅଗ୍ରାଧିକାର ଦେବାପାଇଁ ମାନସିକ ପ୍ରସ୍ତୁତି କରିଛି । ଏହା ତାଙ୍କୁ ବିଳମ୍ବରେ ହେଲେ ମଧ୍ୟ ନିଶ୍ଚିତ ଭାବରେ ଅଧିକ ଲାଭ ଦେବ । ତେବେ ଗୋଟିଏ ଖଟକା ରହିଯାଉଛି । ରାମମୂର୍ତ୍ତି ଗମାଙ୍ଗ ମଧ୍ୟ ସଂଜୟ ହଂସଙ୍କର ପ୍ରାର୍ଥିତ୍ୱକୁ ସମର୍ଥନ କରି ଅନୁରୂପ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଛନ୍ତି । ତାଙ୍କ ଦସ୍ତଖତ ଜାଲ ବୋଲି କହି ଏହାକୁ ଏଡ଼ାଇଗଲେ ଚଳିବ ନାହିଁ । ଯଦି ପ୍ରକୃତରେ ବିଜେପି ପୁଣି ମୂଲ୍ୟବୋଧ ଓ ଶୃଙ୍ଖଳାରେ ବିଶ୍ୱାସ କରୁଛି ବୋଲି ଏକ ଧାରଣା ସୃଷ୍ଟି କରିବାକୁ ଚାହେଁ, ତା'ର ମଳିନ ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରି ଗଢ଼ି ତୋଳିବାରେ ପ୍ରୟାସ କରୁଛି ବୋଲି କହିବାକୁ ଚାହେଁ, ତାହାହେଲେ ରାମମୂର୍ତ୍ତି ଗମାଙ୍ଗଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ କରୁ କିମ୍ବା ଜାଲ ଦସ୍ତଖତ ସଂଗ୍ରହ କରିଥିବା ଦୃଷ୍ଟିରୁ ସଂଜୟ ହଂସଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାପାଇଁ ତାଙ୍କ ନିଜ ସରକାର ଉପରେ ଚାପ ପକାଉ । ଏହା କଲେ ବିଜେପିର ଦୁଇଟି ଲାଭ ହେବ । ନିଜର ଭାବମୂର୍ତ୍ତି ନିଶ୍ଚିତ ଭାବରେ କିଛିଟା ଉଜ୍ଜ୍ୱଳ ହେବ ଏବଂ ତଥାକଥିତ ଦୁର୍ନୀତିମୁକ୍ତ ଭାବମୂର୍ତ୍ତିର ଏକଚାଟିଆ ଅଧିକାରୀ ହୋଇଥିବା ନବୀନବାବୁଙ୍କ ପ୍ରତି ଏକ ଖୋଲା ଆହ୍ୱାନ ହେବ । କାରଣ ବିଜେଡିର ୩ ଜଣ ବିଧାୟକ ମଧ୍ୟ ଅନ୍ୟମାନଙ୍କ ସହ ସଂଜୟ ହଂସଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଥିଲେ । ସଂଜୟ ହଂସଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ କେବଳ ଗୋଟିଏ କଥା ହିଁ ସତ ହୋଇପାରେ । ବିଧାୟକମାନେ କୌଣସି କୌଣସି କାରଣରୁ ସମର୍ଥନ ଦେଇ ଦସ୍ତଖତ କରିଥିବେ କିମ୍ବା ତାଙ୍କ ଦସ୍ତଖତ ସବୁକୁ ସଂଜୟ ହଂସ ଜାଲ କରିଥିବେ । ଏଥିରୁ କେଉଁଟି ସତ ଏବଂ କେଉଁଟି ମିଛ, ତାହା କ'ଣ ଓଡ଼ିଶାବାସୀଙ୍କର ଜାଣିବାର ଅଧିକାର ନାହିଁ? ଭାରତୀୟ ଜନତା ପାର୍ଟି ଏ ସତ୍ୟର ଉଦ୍‌ଘାଟନ ପାଇଁ ଚାପ ପ୍ରୟୋଗ କଲେ ବିଜେଡିକୁ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ପାଇଁ ବାଧ୍ୟ କରାଇପାରିବ । ନବୀନଙ୍କ ତୁଳନାରେ ମଳିନ ଦେଖାଯାଉଥିବା ତାଙ୍କ ନେତୃମଣ୍ଡଳୀଙ୍କର ଭାବମୂର୍ତ୍ତି ନିଶ୍ଚୟ ଉଜ୍ଜ୍ୱଳ ହେବ ।